# Akashvani, Sambalpur

## SAMBALPURI NEWS EVENING BULLETIN

## 22 July 2025- 7.02 pm- 7.12 pm.

********************************************

୧- ଦେଶେ ଆଏବା ଜନଗଣନା ଲାଗି ତୟାରି ମୁଲ୍ ହେଇଛେ ଲୋକ୍‌ସଭା ନ ସୂଚ୍‌ନା ଦେଲେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ।

- ବିରୋଧୀଙ୍କର୍ ହୋହଲ୍ଲା ଲାଗି ଆଏଜ୍ ଭିଲ୍ ସଂସଦ୍ ନ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ।

୨- ଏଫ୍‌ଏମ୍ କଲେଜ୍ ଛାତ୍ରୀ ମୃତ୍ୟୁ ଘଟ୍‌ନାର୍ କ୍ରାଇମ୍‌ବ୍ରାଂଚ୍ ତଦନ୍ତ୍ ଠିକ୍ ଭାବେ ଚାଲିଛେ, ଏସ୍‌ଆଇଟି ତଦନ୍ତ ଦର୍‌କାର୍ ନାଇଁନ- କହେଲେ ହାଇକୋର୍ଟ ।

୩- ସବୁ ଚାଷୀଙ୍କର୍ କରାଯିବା ଇ-କେଓ୍ୱାଇସି- କହେଲେ ଖାଦ୍ୟ ଯୋଗାଣ ଆଉ ଖାଉଟୀ କଲ୍ୟାଣ୍ ମନ୍ତ୍ରୀ ।

ଆଉର୍

୪- ସାମୁଦ୍ରିକ ଝଡ଼ 'ୱିଫା' ର ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ବର୍ଷାର୍ ସମ୍ଭାବନା ।

ସଂସଦ୍‌ର ମୌସୁମୀ ଅଧିବେଶନ୍        ଏନ୍‌ଏସ୍‌ଡି

ସଂସଦ୍‌ର ମୌସୁମୀ ଅଧିବେଶନ୍‌ର ୨ ନମ୍ବର୍ ଦିନେ ଆଏଜ୍ ଭିଲ୍ ବିରୋଧୀ ସଦସ୍ୟମାନ୍‌କର୍ ହୋହଲ୍ଲା ଲାଗି ଦୁହି ଗୃହ ନ କାମ୍ ବାଧାପ୍ରାପ୍ତ ହେଇଥିଲା । ବାର୍‌ବାର୍ ମୁଲ୍‌ତବୀ ହେଇକରି ଲୋକ୍‌ସଭା ଆଉ ରାଜ୍ୟସଭାକେ ଆଏବା କାଏଲ୍‌ତକ୍ ମୁଲ୍‌ତବୀ ଘୋଷ୍‌ନା କରାଯାଇଛେ । ବିରୋଧୀଙ୍କର୍ କିର୍ଲାଗଗା ଭିତ୍‌ରେ ଆଏଜ୍ ସ୍ୱରାଷ୍ଟ୍ରମନ୍ତ୍ରଣାଲୟ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ୨୦୨୭ ଜନଗଣନା ତୟାରି ବାବ୍‌ଦେ ଲୋକ୍‌ସଭାକେ ସୂଚ୍‌ନା ଦେଇଥିଲେ । ଆଏବା ଜନଗଣନା ଲାଗି ସର୍‌କାରୀ ବିଜ୍ଞପ୍ତି ଅନ୍‌ସାରେ ସବୁ ପ୍ରକାର୍ ତୟାରି ମୁଲ୍ ହେଇଯାଇଛେ । ଜୁଲାଇ ୩ ଆଉ ୪ ତାରିଖ୍ ଦିନ ଇ ବାବ୍‌ଦେ ନୂଆଦିଲ୍ଲୀ ଠାନେ ୨ ଦିନିଆ ସମ୍ମିଲନୀର୍ ଆୟୋଜନ୍ କରାଯାଇଥିଲା । ସମ୍ମିଲନୀଥି ଜନଗଣ୍‌ନା ଲାଗି ରୋଡ୍‌ମେପ୍ ତିଆର୍ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ରାୟ କହିଛନ୍ ।

ଆଏଜ୍ ଦିନର୍ ୧୧ ବଜେ ରାଜ୍ୟସଭା ନ ଗୃହ କାର୍ଯ୍ୟ ମୁଲ୍ ହଉନ୍‌ସାର୍ ବିରୋଧୀ ସଦସ୍ୟମାନେ ଅପରେସନ୍ ସିନ୍ଦୁର୍, ବିହାର୍ ଭୋଟର୍ ତାଲିକା ସଂଶୋଧନ୍ ବାଗିର୍ ଭିନ୍ ଭିନ୍ ବିଷେଥି ହୋହଲ୍ଲା କରିଥିଲେ । ଜବର୍ କିର୍ଲାଗଗା ହେବାର୍‌ନୁ ଦିନର୍ ୧୨ ବଜେ ଗୃହ ନ ଅଧକ୍ଷତା କରୁଥିବା ବିଜେପି ସାଂସଦ୍ ଜଗ୍‌ଦମ୍ବିକା

ପାଲ୍ ବିରୋଧୀ ସାଂସଦ୍ ମାନ୍‌କୁ ଗୃହକାର୍ଯ୍ୟଥି ସହଯୋଗ୍ କର୍‌ବାର୍‌କେ ନିବେଦନ୍ କରିଥିଲେ ।

ମାତର୍‌କ କିର୍ଲାଗଗା ବନ୍ଦ୍ ନାଇଁ ହେବାର୍‌ନୁ ଆଏବାକାଏଲ୍ ଦିନର୍ ୧୧ ବଜେତକ୍ ଅଧ୍ୟକ୍ଷ ରାଜ୍ୟସଭାକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ ।

ସେଆଡ଼େ ଲୋକ୍‌ସଭା ନ ଭିଲ୍ ଆଏଜ୍ ଦିନ୍ ଭର୍ ସମାନ୍ ଥିତି ଲାଗି ଥିଲା । ୧୨ ବଜେ ଗୃହ ମୁଲ୍‌ତବୀ ହେଇକରି ୨ ବଜେ ଫେର୍‌ଘାଏ ମୁଲ୍ ହେବାର୍‌ନୁ ବିରୋଧୀ ସଦସ୍ୟମାନେ ଫେର୍ ହୋହଲ୍ଲା କରିଥିଲେ । ହୋହଲ୍ଲା ବଢ଼୍‌ବାର୍‌ନୁ ଆଏବା କାଏଲ୍ ଦିନର୍ ୧୧ ବଜେତକ୍ ବାଚସ୍ପତି ଓମ୍ ବିର୍ଲା ଲୋକ୍‌ସଭାକେ ମୁଲ୍‌ତବୀ ଘୋଷ୍‌ନା କରିଛନ୍ ।

ସଂସଦୀୟ ବ୍ୟପାର୍ ମନ୍ତ୍ରୀ କିରେନ୍ ରିଜିଜୁ ବିରୋଧୀମାନ୍‌କର୍ ହୋହଲ୍ଲାକେ ନିନ୍ଦା କର୍‌ବାର୍ ସହେତେ ସେମାନେ ଆଲୋଚନା କର୍‌ବାର୍ ଲାଗି ତୟାର୍ ନାଇଁନ ବଲି କହିଛନ୍ । ଅପରେସନ୍ ସିନ୍ଦୁର୍ ପ୍ରସଙ୍ଗଥି ସର୍‌କାର୍ ଆଲୋଚନା କର୍‌ବାର୍‌କେ ତୟାର୍ ଅଛନ୍ । ମାତରକ ବିରୋଧୀମାନେ ଜାନିଶୁନି ଗୃହ କାର୍ଯ୍ୟ ନ ବାଧା ଦଉଛନ୍ ବଲି ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ ।

ବାଲେଶ୍ୱର୍ ଛାତ୍ରୀ ମୃତ୍ୟୁ- ହାଇକୋର୍ଟ   ଏକ୍ସ

ବାଲେଶ୍ୱର୍ ଫକୀର୍ ମୋହନ୍ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟ୍‌ନାର୍ କ୍ରାଇମ୍‌ବ୍ରାଂଚ୍ ତଦନ୍ତ୍ ଠିକ୍ ବାଟେ ଚାଲିଛେ ବଲି ଓଡ଼ିଶା ହାଇକୋର୍ଟ କହିଛନ୍ । ଘଟ୍‌ନାକେ ନେଇକରି ହେଇଥିବା ଗୁଟେ ଜନସ୍ୱାର୍ଥ ଆବେଦନ୍‌ର ଶୁଣାଣି କରିକରି ହାଇକୋର୍ଟ ଇ ମନ୍ତବ୍ୟ ଦେଇଛନ୍ । ଘଟ୍‌ନାଥି ଏସ୍‌ଆଇଟି ତଦନ୍ତର୍ ଦର୍‌କାର୍ ନାଇଁନ ବଲି ହାଇକୋର୍ଟ କହିଛନ୍ ।

ବଲାଙ୍ଗା ଘଟ୍‌ନା-କ୍ରାଇମ୍ ବ୍ରାଂଚ ତଦନ୍ତ ହି.ସ./ଏକ୍ସ

ପୁରୀ ଜିଲ୍ଲା ବଲଙ୍ଗା ପୀଡ଼ିତାଙ୍କର୍ ବୟାନ୍ ରେକର୍ଡ ଆଧାର୍‌ଥି କ୍ରାଇମ୍‌ବ୍ରାଂଚ ଘଟ୍‌ନାର୍ ତଦନ୍ତ ଚଲେଇଛେ । କ୍ରାଇମ୍‌ବ୍ରାଂଚ୍‌ର ଗୁଟେ ଦଲ୍ ଆଏଜ୍ ଦିଲ୍ଲୀ ଏମ୍‌ସକେ ଯାଇକରି ପୀଡ଼ିତାଙ୍କୁ ଘଟ୍‌ନା ବାବ୍‌ଦେ ଅଏତ୍‌କେ ପଚ୍‌ରା ଉଚ୍‌ରା କରିଛେ । ଇତାର୍ ସହେତେ ଘଟ୍‌ନା ଘଟିଥିବା ଜାଗାନ ଭିଲ୍ ପୁଲିସ୍ ଟିମ୍ ଛାନ୍‌ଭିନ୍ ଜାରି ରଖିଛେ । ସ୍ପେସାଲ୍ ସ୍କ୍ୱାଡ୍ ସଙ୍ଗେ ସାଇଂଟିଫିକ୍ ଦଲ୍ ତଦନ୍ତ କାମେ ଲାଗିଛନ୍ ।

ରାଜ୍ୟପାଲ୍- ରାଜସ୍ୱମନ୍ତ୍ରୀ ସାକ୍ଷାତ୍ ଏକ୍ସ

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟିଙ୍କୁ ଆଏଜ୍ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ରାଜଭବନ୍ ନ ଭେଟିଛନ୍ । ଇ ଅବ୍‌ସରେ ରାଜସ୍ୱ ବିଭାଗ୍‌ର ଭିନ୍ ଭିନ୍ କାମ୍‌ର ଅଗ୍ରଗତି ବାବ୍‌ଦେ ରାଜ୍ୟପାଲ୍‌ଙ୍କର୍ ସାଙ୍ଗେ ରାଜସ୍ୱ ମନ୍ତ୍ରୀ ଆଲୋଚନା କରିଛନ୍ ।

ସିବିଏସ୍‌ଇ ସ୍କୁଲ୍- ସିସିଟିଭି ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ୍- ସିବିଏସ୍‌ଇ ଅନୁବନ୍ଧିତ୍ ସବୁ ବିଦ୍ୟାଳୟ ନ ସିସିଟିଭି କେମ୍‌ରା ଲଗାବାର୍ ବାଧ୍ୟତାମୂଳକ୍ କରାଯିବା । ଛାତ୍ରଛାତ୍ରୀ ଆଉ କର୍ମଚାରୀଙ୍କର୍ ସୁରକ୍ଷାକେ ନଜରଥି ରଖିକରି ଇ ନିୟମ୍ ଜାରି କରାଯାଇଛେ । ଇଥି ଠିକ୍ ସମିଆ ଆଉ ଅଡ଼ିଓ ଭିଜୁଆଲ୍ ରେକର୍ଡ଼ିଂ କ୍ଷମତା ରହେବା । ସିବିଏସ୍‌ଇ ସ୍କୁଲ୍ ମାନ୍‌କର୍ ଫାଟକ୍ ଆଉ ପ୍ରସ୍ଥାନ୍ ବାଟ, ପ୍ରତୀକ୍ଷାସ୍ଥଲ୍, ଶ୍ରେଣୀକକ୍ଷ, ପରୀକ୍ଷାଗାର ସହେତେ ଭିନ୍ ଭିନ୍ ସାଧାରଣ୍ ଜାଗାମାନ୍‌କେ କେମ୍‌ରା ଲଗାଯିବା । ସିସିଟିଭି ଫୁଟେଜ୍‌କେ ଅତିକମ୍‌ଥି ୧୫ ଦିନ୍‌ତକ୍ ସଂରକ୍ଷିତ୍ ରଖାଯିବା । ମାତରକ ପରୀକ୍ଷା କେନ୍ଦ୍ରମାନ୍‌କର୍ ସିସିଟିଭି

ଫୁଟେଜ୍ ଫଳାଫଲ୍ ଘୋଷ୍ନାର୍ ୨ ମାସ୍ ତକ୍ ସଂରକ୍ଷିତ୍ ରଖିବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ-ସମୀକ୍ଷା I&PR

ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍‌ର ୩୬ ନମ୍ବର୍ ଡେସ୍‌ବୋର୍ଡ୍ ସମୀକ୍ଷା ବୈଠକ୍ ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ସହରାଂଚଲ୍ ମାନ୍‌କର୍ ପ୍ରମୁଖ ଭିତିଭୂମି ବିକାଶ୍ ପ୍ରକଳ୍ପ ମାନ୍‌କର୍ ଅଗ୍ରଗତି ବାବ୍‌ଦେ ଆଲୋଚନା କରାଯାଇଥିଲା । ଖାସ୍ କରି ରାଜ୍ୟର୍ ଶହେ ୧୫ ଟା ସ୍ୱାୟତ ସଂସ୍ଥା ନ ଓଡ଼ିଶା ସହରାଂଚଲ୍ ଭିତିଭୂମି ଉନ୍ନୟନ୍ ପାଣ୍ଠି ଅଧୀନ୍‌ଥି ଚାଲିଥିବା ଷ୍ଟ୍ରିଟ୍ ଲାଇଟ୍ କାମ୍‌ର ସମୀକ୍ଷା କରାଯାଇଥିଲା । ଜନକଲ୍ୟାଣ୍‌କାରୀ ପ୍ରକଳ୍ପ କାମ୍‌ମାନେ ତୁର୍‌ତି ସାରିକରି ଲୁକ୍‌କୁ ସେବା ଯୁଗେଇ ଦେବାର୍‌କେ ଶ୍ରୀମତୀ ପାଢ଼ୀ ବିଭାଗୀୟ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୭ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ଼୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ନିଜର୍ ମତାମତ୍ ଆଏବା ୨୫ ତାରିଖ୍ ଭିତ୍‌ରେ ଦେଇପାର୍‌ବେ ।

ମହିଲା ସୁରକ୍ଷା ବୈଠକ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ମହିଲା ସୁରକ୍ଷା ବିଷେକେ ନେଇକରି ଆଏଜ୍ ଭୁବନେଶ୍ୱର ଲୋକସେବା ଭବନ୍‌ଠାନେ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କର ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଉନ୍ନୟନ କମିଶନର ଅନୁ

ଗର୍ଗଙ୍କ ସହେତେ ବହୁତ୍‌ଟେ ବିଭାଗର୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇକରି ମହିଲାଙ୍କର୍ ସୁରକ୍ଷା ବ୍ୟବସ୍ଥା ବାବ୍‌ଦେ ଆଲୋଚନା କରିଛନ୍ । ବୈଠକ୍‌ଥି ଆଇନ ସେବା ପ୍ରାଧିକରଣର ସଦସ୍ୟମାନେ ଭିଲ୍ ଉପସ୍ଥିତ ଥିଲେ ।

ଚାଷୀ ଇ-କେଓ୍ୱାଇସି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର ସବୁ ଚାଷୀମାନ୍‌କର ଇ-କେ-ଓ୍ୱାଇସି କରାଯିବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ଆଏଜ୍ ଚାଷୀମାନ୍‌କର ଧାନ୍ ବିକ୍ରୀକେ ନେଇକରି ହେଇଥିବା ବୈଠକ୍‌ଥି ମନ୍ତ୍ରୀ ଶ୍ରୀ ପାତ୍ର ଇ ବାବ୍‌ଦେ ସୂଚ୍‌ନା ଦେଇଛନ୍ । ମନ୍ତ୍ରୀ ଶ୍ରୀ ପାତ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଚାଷୀ ପଞ୍ଜୀକରଣ ସମସ୍ୟାର୍ ସମାଧାନ୍ ବାବ୍‌ଦେ ଆଲୋଚନା କରାଯିବାର୍ ସହେତେ ଇ କ୍ଷେତ୍ରଥି ନିୟମ କୋହଲ୍ କର୍‌ବାର୍‌କେ ସରକାର ବିଚାର୍ କରୁଥିବା ଜନାପଡ଼ିଛେ । ରାଏଜେ ଚାଷୀମାନ୍‌କର ଇ-କେଓ୍ୱାଇସି ଲାଗି ଗଲା ୧୯ ତାରିଖ୍‌ନୁ ପଞ୍ଜୀକରଣ ପ୍ରକ୍ରିୟା ମୁଲ୍ ହେଇଥିଲା ବେଲ୍‌କେ ଇଟା ଆଏବା ୨୦ ତାରିଖ୍‌ତକ୍ ଚାଲ୍‌ବା । ଇ ସମିଆ ଭିତ୍‌ରେ ଚାଷୀମାନ୍‌ଙ୍କୁ

ଇ-କେଓ୍ୱାଇସି କର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ ।

ଖଣି ନିଲାମ ହି.ସ.

ରାଏଜେ ଖୋବ୍ ଜଲ୍‌ଦି ଆଉ ୨୨ଟା ଖଣି ନିଲାମ କରାଯିବା ବଲି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ । ଖଣି ନିଲାମ ବାବ୍‌ଦେ ପ୍ରସ୍ତୁତି ଶେଷ୍ ଖେପ୍‌କେ ପୁହୁଚିଛେ । ରାଜ୍ୟର୍ ନୂଆ ସରକାର ଏବ୍‌ତକ୍ ୮ଟା ଖଣି ନିଲାମ କରି ସାରିଛନ୍ । ଖଣି ଲାଗି ଶିଳ୍ପ ଥାପ୍‌ନାର ସୁଯୋଗ୍ ଆସ୍‌ଲେ ନିଯୁକ୍ତି ପ୍ରକ୍ରିୟା ତୁର୍‌ତି କରାଯିବା ବଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।
(ଭଏସ୍ ଓଭର୍- ଖଣିମନ୍ତ୍ରୀ)

ଉପମୁଖ୍ୟମନ୍ତ୍ରୀ-ବଲାଙ୍ଗୀର ଗସ୍ତ ବଲାଙ୍ଗିର୍ ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଏଜ୍ ବଲାଙ୍ଗୀର ଜିଲ୍ଲାର ଖପ୍ରାଖୋଲ୍ ବ୍ଲକ୍‌ନ ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପର୍ ଶିଳାନ୍ୟାସ କରିଛନ୍ । ପହେଲା ବ୍ଲକ୍‌ର ଲାଠୋର୍‌ଠାନେ ୫କୋଟି ୩ ଲାଖ୍ ଟଙ୍କା ଖର୍ଚ୍ଚାଥି ପ୍ରଧାନମନ୍ତ୍ରୀ ଖେଲୋ ଇଣ୍ଡିଆର୍ ଓଡ଼ିଶା ସ୍କୁଲ୍ ପ୍ରଭାତ୍ ଲିମିଟେଡ୍ ସାହାଜ୍

ଯୋଜ୍ନାଥି ନିର୍ମାଣ୍ କାମ୍ର ଶୁଭାରମ୍ଭ କରିଛନ୍ । ସେନ୍ତା କୁଆଁଝର୍ ସ୍କୁଲ୍ ନ ୧୮ ଲାଖ୍ ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ନୂଆଁ କୁଠାର୍ ଶିଲାନ୍ୟାସ୍ କରିଛନ୍ । ଇତାର୍ସହେତେ ଖପ୍ରାଖୋଲ୍ ଆର୍ଏମ୍ସି ଗୁଦାମ୍ ଠାନେ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବାର୍ ସହେତେ ପ୍ରଧାନ୍ମନ୍ତ୍ରୀ ପୋଷଣ୍ ଯୋଜ୍ନାଥି ୫ ହଜାର୍ ଛୁଆକୁ ପୋଷଣ୍ କିଟ୍ ବାଂଟିଛନ୍ ।

## ଜାତୀୟ ପତାକା ଦିବସ ଆର୍ଏନ୍ୟୁ/ ସମ୍ବଲପୁର

ଆମର୍ ଦେଶର୍ ସାଂସ୍କୃତିକ୍ ବିବିଧତା ଆଉ ଏକତା ଲାଗି ୧୯୪୭ ମସିହା ଆଝିରର୍ ଦିନେ ଭାରତୀୟ ସମ୍ବିଧାନ ସଭା ଜାତୀୟ ପାତାକାକେ ଅପ୍ନେଇଥିଲା । ଇ ଦିନ୍କେ ସୁର୍ତା କରି କରି ଆଏଜ୍ ଜାତୀୟ ପତାକା ଦିବସ୍ ପାଲନ୍ କରାଯାଉଛେ । ଆମର୍ ଜାତୀୟ ପତାକାକେ ତ୍ରିରଙ୍ଗା ବଲି କୁହାଯାଏସି । ତ୍ରିରଙ୍ଗାର୍ ଉପର୍ ଭାଗ୍ଥି ଥିବା ନାରଙ୍ଗୀ ରଙ୍ଗ ଦେଶର ଶକ୍ତି ଆଉ ସାହାସ୍ର ପ୍ରତୀକ୍ ହେଇଥିବାର୍ବେଲେ ମଝିର୍ ଧୋବ୍ ରଙ୍ଗ ଶାନ୍ତି ଆଉ ସତ୍ୟର୍ ପ୍ରତୀକ ଆଉ ତଲ୍ ଭାଗର୍ ଶାଗୁଆ ରଙ୍ଗ ଦେଶର୍ ବିକାଶ ଆଉ ଉର୍ବର୍ତାର୍ ପ୍ରତୀକ୍ ଆଏ । ମଝି ଥିବା

ନିଲିଆ ରଙ୍ଗର୍ ଅଶୋକ ଚକ୍ରଥି ଥିବା ୨୪ଟା ଅଖ ନିରନ୍ତର୍ ପ୍ରଗତିର୍ ପ୍ରତୀକ୍ ଆଏ ।

ସ୍ୱାଧୀନତା ଦିବସ୍ ପ୍ରସ୍ତୁତି ବୈଠକ          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ପାଲନ୍ ଲାଗି ଜିଲ୍ଲାପାଳ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଆଏଜ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଆରକ୍ଷୀ ଅଧିକ୍ଷକ୍ ରାହୁଲ୍ ଗୋୟଲ୍ ଆର୍ ଅଲ୍‌ଗା ଅଧିକାରୀମାନେ ଯୋଗ୍ ଦେଇକରି ସ୍ୱାଧୀନତା ଦିବସ୍ ସମାରୋହ ବାବ୍‌ଦେ ଆଲୋଚନା କରିଥିଲେ ।

ପ୍ରଶାସନିକ୍ ବେଡ୍‌ମିଂଟନ୍ ପ୍ରତିଯୋଗିତା   ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ପ୍ରଶାସନିକ୍ ବେଡ୍‌ମିଂଟନ୍ ପ୍ରତିଯୋଗିତା ହେଇଯାଇଛେ । ପ୍ରତିଯୋଗିତାକେ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ ଆଉ ଆରକ୍ଷୀ ଅଧିକ୍ଷକ୍ ଜି. ରାଘବେନ୍ଦ୍ର ରେଡ୍ଡୀ ଉଦ୍‌ଘାଟନ୍ କରିଥିଲେ । ଡବଲ୍ସ ବିଭାଗ୍‌ଥି ୧୬ ଟା ପ୍ରଶାସନିକ୍ ଦଲ୍ ଭାଗ୍ ନେଇଥିଲା

ବେଲ୍‌କେ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ ଆଉ ଲୋୟର୍ ଇନ୍ଦ୍ର ଜଲ୍‌ସେଚନ୍ ପ୍ରକଳ୍ପ ଅଧିକାରୀ ଆଉ ତାଙ୍କର୍ ସହଯୋଗୀ ଫାଇନାଲ୍ ଖେଲିଥିଲେ । ଇଥି ଲୋୟର୍ ଇନ୍ଦ୍ର ଜଲ୍‌ସେଚନ୍ ପ୍ରକଳ୍ପ ଅଧିକାରୀ ଆଉ ତାଙ୍କର୍ ସହଯୋଗୀ ଜିତିଛନ୍ । ସେନ୍ତା ମିକ୍ସ ଡବଲ୍ସଥି ୬ ଟା ଦଲ୍ ଭାଗ୍ ନେଇଥିଲେ ।

ଜୟହିନ୍ଦ୍ ଫୁଟ୍‌ବଲ୍ ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ମନ୍‌ମୋହନ୍ ବିଦ୍ୟାଲୟ ଖେଲ୍‌ପଡ଼ିଆ ନ ଜୟହିନ୍ଦ୍ ନକ୍‌ଆଉଟ୍ ଫୁଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ୍ ହେଇଯାଇଛେ । ଆଜିର୍ ହେଇଥିବା ଖେଲ୍‌ଥି ସାରସ୍‌ମାଲ୍ ଫୁଟ୍‌ବଲ୍ କ୍ଲବ୍ ୧-ଶୂନ୍ ଗୋଲ୍‌ଥି ବୁରୋମାଲ୍‌କେ ହରେଇଛେ । ଟୁର୍ଣ୍ଣାମେଂଟ୍‌ର ଫାଇନାଲ୍ ମେଚ୍ ଅଗଷ୍ଟ ୧୫ ତାରିଖ୍ ଦିନ ଖେଲାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ବନିଥିବା ଘୂର୍ଣ୍ଣିବଲୟ ଆଏବା ୪୮ ଘଂଟା ଭିତ୍‌ରେ ଲଘୁଚାପ୍‌ଥି ବଦ୍‌ଲିବା । ଇଟା ଘନିଭୂତ ହେଇକରି

ବାତ୍ୟାର୍ ରୂପ ନେବା । ଇ ବାତ୍ୟା ର୍ ନାଁ 'ଓ୍ୱିଫା' ରଖାଯାଇଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ଜବର୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।